## ସଂକ୍ଷେପରେ

### ଜିଲାରେ ଜଣେ ଛାତ୍ରଙ୍କ ସମେତ ୩ ଡେଙ୍ଗୁ ପଜିଟିଭ

**ବ୍ରହ୍ମପୁର ଅଫିସ,୨୩।୮:** ଗଞ୍ଜାମ ଜିଲାରେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ଯୋଗୁ ଦିନକୁ ଦିନ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପାତ୍ରପୁର ବ୍ଲକ ବଳରାମପୁରର ଜଣେ ୧୭ ବର୍ଷ ଛାତ୍ରଙ୍କୁ ଜ୍ୱର ଲାଗି ରହିଥିଲା। ଡେଙ୍ଗୁ ପରୀକ୍ଷା ପରେ ତାଙ୍କର ନମୁନା ପଜିଟିଭ ଆସିଛି। ସେହିପରି ବ୍ରହ୍ମପୁର ମହାନଗର ନିଗମ ଅଧୀନ ୱାର୍ଡ ନମ୍ବର ୨୯ରେ ରହୁଥିବା ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଜ୍ୱର ଓ କାଶ ଲାଗି ରହିଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା ପରେ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଚିକିଟି ବ୍ଲକ ଲିଆଖାଇ ଗ୍ରାମର ୪୫ ବର୍ଷର ଜଣେ ବ୍ୟକ୍ତିଙ୍କର ଡେଙ୍ଗୁ ରିପୋର୍ଟ ପିଜଟିଭ ଆସିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଡେଙ୍ଗୁ ଆକ୍ରାନ୍ତମାନେ ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଅଛି। ଅନ୍ୟପଟେ ଜିଲାରେ ମଙ୍ଗଳବାର ସୁଦ୍ଧା ଡେଙ୍ଗୁ ଆକ୍ରାନ୍ତ ରୋଗୀଙ୍କୁ ମିଶାଇ ଏଯାବତ ୧୪ ଜଣ ପଜିଟିଭ ଚିହ୍ନଟ ହେଲେଣି।

### ଗୁଟ୍‌ଖା କାରଖାନାରେ ଚଢ଼ାଉ ମାଲିକ ସମେତ ୨ ଅଟକ

**ବ୍ରହ୍ମପୁର ଅଫିସ,୨୩।୮:** ବ୍ରହ୍ମପୁର ସଦର ଥାନା ପୋଲିସ ମଙ୍ଗଳବାର ଅପରାହ୍ନରେ ଏକ ଗୁଟ୍‌ଖା ପ୍ରସ୍ତୁତ ହେଉଥିବା କାରଖାନାରେ ଚଢ଼ାଉ କରିଛି। ବ୍ରଜନଗର ନିକଟସ୍ଥ ଶ୍ରୀରାମନଗରରେ ଥିବା ଏକ ଘରେ ପୋଲିସ ଟିମ୍ ଚଢ଼ାଉ କରି ସେଠାରୁ ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ସେଠାରେ ବେଆଇନ ଭାବେ ବିଭିନ୍ନ ବ୍ରାଣ୍ଡର ନକଲି ଗୁଟ୍‌ଖା ପ୍ରସ୍ତୁତ ହେଉଥିବା ଜଣାପଡିଛି। ପୋଲିସ ଉକ୍ତ କାରଖାନାରୁ ଶଙ୍କର ସାହୁ ଓ ତାଙ୍କ ସହଯୋଗୀ କୈଳାସ ସାହୁଙ୍କୁ ଧରିଛି। ସେମାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଜେରା ବେଳେ କୈଳାସ ଓ ତାଙ୍କ ସହଯୋଗୀ ଉକ୍ତ ଘରଟି ପ୍ରାୟ ବର୍ଷେ ହେଲା ଭଡ଼ା ସୂତ୍ରରେ ରଖି ସେଠାରେ ଗୁଟ୍‌ଖା ପ୍ରସ୍ତୁତ କରୁଥିଲେ। ସେଠାରୁ ପୋଲିସ ୨୫ବସ୍ତା ଗୁଟ୍‌ଖା, କଞ୍ଚାମାଲ ଓ ପ୍ୟାକିଂ ମେଶିନ ଆଦି ଜବତ କରିଛି। ଅଭିଯୁକ୍ତ ହରିତାଖଣ୍ଡି ଓ ମୀରା ନମ୍ବର ୱାନ ଗୁଟ୍‌ଖା ପ୍ରସ୍ତୁତ କରି ଜିଲାର ବିଭିନ୍ନ ସ୍ଥାନରେ ବିକ୍ରି କରୁଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି।

### ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ନୂଆ କର୍ମକର୍ତ୍ତା

**ବ୍ରହ୍ମପୁର ଅଫିସ,୨୩।୮:** ବ୍ରହ୍ମପୁର ଖଲ୍ଲିକୋଟ ସାଂସ୍କୃତିକ ପରିଷଦର ନୂଆ କର୍ମକର୍ତ୍ତା ଘୋଷଣା ହୋଇଛି। ରବୀନ୍ଦ୍ର ନାଥ ପଟ୍ଟନାୟକ ସଭାପତି ହୋଇଥିବା ବେଳେ ପ୍ରଫୁଲ୍ଲ କୁମାର ନନ୍ଦ ଉପସଭାପତି ଓ ବିଜୟ୍ କୁମାର ପଣ୍ଡା ସାଧାରଣ ସମ୍ପାଦକ ହୋଇଛନ୍ତି। ସୁବାସ ଚନ୍ଦ୍ର ସୁବୁଦ୍ଧି ଓ ହରିହର ମହାପାତ୍ର ଯଥାକ୍ରମେ କୋଷାଧକ୍ଷ ଓ ଯୁଗ୍ମ ସମ୍ପାଦକ ହୋଇଥିବା ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଆଇନଜୀବୀ ମାଗୁଣି ଚରଣ ପଲେଇ, ଇଂ.ଶ୍ରୀକାନ୍ତ ମହାପାତ୍ର, ଶିକ୍ଷାବିତ ଡ଼. ଶ୍ରୀକାନ୍ତ ମହାପାତ୍ରଙ୍କ ସମେତ କିଶୋର ଚନ୍ଦ୍ର ପଣ୍ଡା, ଉମେଶ ଚନ୍ଦ୍ର ମିଶ୍ର, ବାଞ୍ଛାନିଧି ଦାସ ଓ ଭିକାରୀ ଚରଣ ମହାପାତ୍ର। ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଡ଼ା. ରାଜେନ୍ଦ୍ର କୁମାର ବେହେରା, ଦେବୀ ପ୍ରସାଦ ମହାପାତ୍ର, ଶରତ ଚନ୍ଦ୍ର ଦାସ, ବସନ୍ତ କୁମାର ମହାପାତ୍ର, ହାଡ଼ିବନ୍ଧୁ ମାଲି, ସୁଧୀର କୁମାର ମିଶ୍ର ଓ ବନ୍ଦନା ମହାପାତ୍ର ମନୋନୀତ ହୋଇଛନ୍ତି। ଖଲ୍ଲିକୋଟ କନିଷ୍ଠ କଲେଜ ଓ ଉଚ୍ଚ ମାଧମିକ ବିଦ୍ୟାଳୟକୁ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ପରିସରକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତିକୁ ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ପୁନର୍ବିଚାର ପାଇଁ ସରକାରଙ୍କୁ ନିବେଦନ କରାଯାଇଥିବା ସାଧାରଣ ସମ୍ପାଦକ ସୂଚାଇଛନ୍ତି।

### ୩୦ କେଜି ଗଞ୍ଜେଇ ଜବତ, ୩ ଅଭିଯୁକ୍ତ ଗିରଫ

**ପାରଳାଖେମୁଣ୍ଡି:୨୩।୮:** ରାୟଗଡ ବ୍ଲକ ଅନ୍ତର୍ଗତ ଅଡାସିଂ ଗ୍ରାମ ଛକଠାରେ ଅବକାରୀ ବିଭାଗ ପାଟ୍ରୋଲିଂ କରୁଥିବା ବେଳେ ମଙ୍ଗଳବାର ୩୦କେଜି ଗଞ୍ଜେଇ ଜବତ କରିଛି। ବେଆଇନ୍ ଗଞ୍ଜେଇ ଚାଲାଣ କରିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆର୍.ଉଦୟଗିରି ଥାନା ଅନ୍ତର୍ଗତ ସାକିବାରି ଗ୍ରାମର ସଲେମନ ରଇତ, ତଣ୍ଡରଙ୍ଗ ଗ୍ରାମର ଜିବୋଧ ରଇତ ଏବଂ ତଣ୍ଡରଙ୍ଗ ଗ୍ରାମର ରାଜୀବ ରଙ୍ଗି। ଅବକାରୀ ଅଧିକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପାଟ୍ରୋଲିଂ ଦଳ ଅଡାସିଂ ଛକ ଠାରେ ଦୁଇଗୋଟି ବାଇକକୁ ଯାଞ୍ଚ କରିଥିଲେ। ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଅଡାସିଂ ଗ୍ରାମ ଛକ ଦେଇ ଆନ୍ଧ୍ରକୁ ଏହି ଗଞ୍ଜେଇ ଚାଲାଣ କରୁଥିବା ଅବକାରୀ ବିଭାଗ ଆଗରେ ପ୍ରକାଶ କରିଛନ୍ତି।

# ଫାଷ୍ଟ ଫୁଡ୍ ଖାଦ୍ୟରେ ରାସାୟନିକ ଦ୍ରବ୍ୟ

**ବିଏମ୍‌ସିରେ ୩ ଖାଦ୍ୟ ସୁରକ୍ଷା ଅଧିକାରୀ, ତଥାପି ଯାଞ୍ଚ ହେଉନି**



ଲାଞ୍ଜିପଲୀଠାରେ ଫାଷ୍ଟ ଫୁଡ ଦୋକାନ।

ବ୍ରହ୍ମପୁର ଅଫିସ,୨୩।୮

ବ୍ରହ୍ମପୁର ସହରବାସୀଙ୍କ କ୍ଷେତ୍ରରେ ଫାଷ୍ଟଫୁଡ ଆଦର ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ସହରର ସାହି ଛକଠାରୁ ଆରମ୍ଭ କରି ମୁଖ୍ୟ ଛକରେ ମଧ୍ୟ ମାଳ ମାଳ ଫାଷ୍ଟ ଦୋକାନ ଫୁଡ ଗଢି ଉଠିଛି। ବିଶେଷକରି କୋଭିଡ୍ ମହାମାରୀ ପରେ କଟକଣା କୋହଳ ହେବାରୁ ଅଧିକ ମାତ୍ରାରେ ଫାଷ୍ଟଫୁଡ ଦୋକାନ ସଂଖ୍ୟା ବୃଦ୍ଧି ପାଇଛି। ବିଶେଷକରି ସହରର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଅଧିକ ସଂଖ୍ୟକ ଫାଷ୍ଟ ଫୁଡ ଦୋକାନ ରହିଛି। ଯେଉଁଠାରେ ସନ୍ଧ୍ୟା ହେବା ମାତ୍ରେ ଆମିଷ ଓ ନିରାମିଷ ସୁଆଦିଆ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। ସେହିପରି ଲାଞ୍ଜିପଲୀ ଛକ, ଗିରି ରୋଡ, ପୁରୁଣା ବସ୍‌ଷ୍ଟାଣ୍ଡ, ସିଟି ହାଇସ୍କୁଲ ରୋଡ, ରାମଲିଙ୍ଗେଶ୍ୱର ରୋଡ ଆଦି ଅଞ୍ଚଳରେ ଅଧିକ ଫାଷ୍ଟଫୁଡ ଦୋକାନ ଦେଖିବାକୁ ମିଳିଥାଏ। ଯେଉଁଠାରେ ପୂର୍ବାହ୍ନ ଜଳଖିଆଠାରୁ ଆରମ୍ଭ କରି ମଧ୍ୟାହ୍ନ ଓ ବିଳମ୍ବିତ ରାତ୍ରି ଯାଏ ଖାଦ୍ୟ ପଦାର୍ଥ ବିକ୍ରି ହୋଇଥାଏ। କିନ୍ତୁ ଏହି ଖାଦ୍ୟ ପଦାର୍ଥ କେତେ ସୁରକ୍ଷିତ ଏହା ପରିଷ୍କାର ପରିଚ୍ଛନ୍ନତା ମଧ୍ୟରେ ପ୍ରସ୍ତୁତ କରାଯାଉଛି କି ନାହିଁ ସେ ବିଷୟରେ ସହରବାସୀ ଅଜ୍ଞ ରହିଛନ୍ତି। ଫଳରେ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଥିବା ଫାଷ୍ଟଫୁଡ ପ୍ରେମୀ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେବେ ଏହି ଫାଷ୍ଟ ଫୁଡ ସେଣ୍ଟର ଗୁଡିକରେ ବିଏମ୍‌ସି ପକ୍ଷରୁ ଖାଦ୍ୟ ସୁରକ୍ଷା ବିଭାଗ ରହିଛି। ଏହି ବିଭାଗ ପକ୍ଷରୁ ସହରରେ କେତୋଟି ଫାଷ୍ଟ ଫୁଡ୍ ଦୋକାନ ରହିଛି ତଥ୍ୟ ସହ ଖାଦ୍ୟ ମଧ୍ୟ ଯାଞ୍ଚ କରାଯାଇଥାଏ। ତେବେ ବିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସେତେଟା ଯାଞ୍ଚ ହେଉ ନ ଥିବାରୁ ବ୍ୟବସାୟୀମାନେ ଗ୍ରାହକଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଉଛନ୍ତି। ଏଥିସହ ଖାଦ୍ୟ ଦ୍ରବ୍ୟକୁ ଆକର୍ଷିତ କରିବା ନିମନ୍ତେ ରାସାୟନିକ ନାଲି ରଙ୍ଗ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ବ୍ୟବସାୟୀମାନେ ଅଧିକ ବେପାର ଆଶାରେ ଏହି ସବୁ ରାସାୟନିକ ଉପାୟ ଅବଲମ୍ବନ କରୁଥିବା ବେଳେ ତାହା ଖାଦ୍ୟ ପ୍ରେମୀଙ୍କ ପାଇଁ ବିଷାକ୍ତ ପାଲଟିଛି। ଏ ବାବଦରେ ବିଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ଅବଗତ ଥାଇ ମଧ୍ୟ କୌଣସି ଯାଞ୍ଚ କିମ୍ବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସହରର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାସ୍ତା ଓ ରାମଲିଙ୍ଗେଶ୍ୱର ସମ୍ମୁଖରେ ରହିଥିବା ବିଭିନ୍ନ ଆମିଷ ଦ୍ରବ୍ୟ ଉକ୍ତ ରାସାୟନିକ ରଙ୍ଗ ବହୁଳ ପରିମାଣରେ ବ୍ୟବହୃତ ହେଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ପଦାର୍ଥ ଗୁଡିକ ଯାଞ୍ଚ ନିମନ୍ତେ ଖାଦ୍ୟ ସୁରକ୍ଷା ବିଭାଗରେ ବିଏମ୍‌ସିରେ ୩ ଜଣ ଅଧିକାରୀ ରହିଛନ୍ତି। କିନ୍ତୁ କେବେ ବି କୌଣସି ଅଧିକାରୀ ସହରରେ ଖାଦ୍ୟ ଯାଞ୍ଚ କରୁ ନାହାନ୍ତି। ସହରର ଛତୁ ଫୁଟିଲା ଭଳି ଫାଷ୍ଟ ଫୁଡ ଗଢି ଉଠିଥିବା ଅଭିଯୋଗ ହୋଇଛି। ଏ ନେଇ ବିଏମସି ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ବେହେରାଙ୍କ ସହ ଯୋଗାଯୋଗ ବେଳେ, ଆଗାମୀ ଦିନରେ ଫାଷ୍ଟ ଫୁଡ ଗୁଡିକରେ ଖାଦ୍ୟ ଯାଞ୍ଚ ହେବା ନେଇ ଯୋଜନା ରହିଛି। ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବ୍ରହ୍ମପୁର ଛାତ୍ରୀ ସମ୍ପଦାଙ୍କୁ ଆଇଆଇଟି ସ୍ୱର୍ଣ୍ଣ ପଦକ



ଝାଡ଼ଖଣ୍ଡ ରାଜ୍ୟପାଳ ରମେଶ ବୈଶଙ୍କଠାରୁ ସମ୍ପଦା ସ୍ୱର୍ଣ୍ଣ ପଦକ ଓ ମାନପତ୍ର ଗ୍ରହଣ କରୁଛନ୍ତି

ବ୍ରହ୍ମପୁର ଅଫିସ,୨୩।୮

ପୁରୁଣା ବ୍ରହ୍ମପୁର ରାଧାକାନ୍ତ ସାହି ନିବାସୀ ରାଧାକାନ୍ତ ମିଶ୍ର ଓ ଗୀତାଞ୍ଜଳି ମହାପାତ୍ରଙ୍କ ଝିଅ ସମ୍ପଦା ମହାପାତ୍ର ଆଇଆଇଟିର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଛାତ୍ରୀ ସମ୍ପଦା ବ୍ରହ୍ମପୁର ଡିଏଭି ସ୍କୁଲରୁ ଶିକ୍ଷା ଗ୍ରହଣ ପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଜିଓ ଫିଜିକ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏଥିରେ ସେ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କଶନ ପାଇବା ପରେ ଝାରଖଣ୍ଡ ଧାନବାଦ ଆଇଆଇଟି ଓ ଆଇଏସ୍‌ଏମ୍‌ରେ ଏମ୍‌ଏସ୍‌ସି, ଏମ୍.ଟେକ ଶିକ୍ଷା ଗ୍ରହଣ କରିଥିଲେ। ଏଥିରେ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାର ଗୌରବ ଅର୍ଜନ କରି ପ୍ରଫେସର ଏନ୍.ଏଲ. ଶର୍ମା ସ୍ୱର୍ଣ୍ଣ ପଦକ ଓ ମାତା ଗୁରୁଦେବ କୌର ମେମୋରିଆଲ ଆୱାର୍ଡ ଓ ଶ୍ରେଷ୍ଠ ଛାତ୍ରୀ ଭାବେ ପୁରସ୍କାର ପାଇଛନ୍ତି। ଏ ଆୱାର୍ଡ ସେ ଝାରଖଣ୍ଡ ରାଜ୍ୟପାଳ ରମେଶ ବୈଶଙ୍କଠାରୁ ଗ୍ରହଣ କରିଛନ୍ତି। ସମ୍ପଦାଙ୍କ ଏଭଳି କୃତିତ୍ୱକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ସମ୍ପଦା ତାଙ୍କର ସମସ୍ତ ସଫଳତାର ଶ୍ରେୟ ତାଙ୍କ ମାତା ପିତା, ଶିକ୍ଷକ, ପ୍ରଫେସର ଓ ମାର୍ଗ ଦର୍ଶକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଏମ୍‌ସି ଅଫିସ ଆଗରେ ଭାଜପାର ବିକ୍ଷୋଭ


ଭାଜପା ପକ୍ଷରୁ ଅତିରିକ୍ତ କମିଶନରଙ୍କୁ ଦାବିପତ୍ର ପ୍ରଦାନ ।

**ମୌଳିକ ସମସ୍ୟା ସମାଧାନରେ ନିଗମ ବିଫଳର ପ୍ରତିବାଦ**

ବ୍ରହ୍ମପୁର ଅଫିସ,୨୩।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ଅଫିସ ଆଗରେ ମଙ୍ଗଳବାର ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମହାନଗରବାସୀଙ୍କୁ ମୌଳିକ ସୁବିଧା ଯୋଗାଇବାରେ ନିଗମ ବିଫଳ ହୋଇଥିବାର ପ୍ରତିବାଦ ଏବଂ ୧୧ ଦଫା ଦାବି ପୂରଣ ପାଇଁ ଏହି ଆନ୍ଦୋଳନ ହୋଇଥିଲା।

ଗତ ସାଧାରଣ ନିର୍ବାଚନର ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି ନେତୃତ୍ୱ ନେଇଥିଲେ। ପାର୍ଟିର ନିର୍ବାଚିତ କର୍ପୋରେଟରଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ନେତା ଓ କର୍ମୀଙ୍କ ରଣହୁଙ୍କାର ଦେଖି ମେୟର ଓ କମିଶନର କାର୍ଯ୍ୟାଳୟକୁ ଆସି ନ ଥିଲେ। ସମସ୍ୟାର ତ୍ୱରିତ ସମାଧାନ କରା ନ ଗଲେ ଆଗାମୀ ଦିନରେ ପୁଣି ରାଜରାସ୍ତାକୁ ଓହ୍ଲାଇ ବିଏମ୍‌ସି ଘେରାଉ କରାଯିବାର ଚେତାବନୀ ଦିଆଯାଇଛି।

ଦାବିଗୁଡ଼ିକ ମଧ୍ୟରେ ସମ୍ପୂର୍ଣ୍ଣ ଖାଲଖମା ହୋଇଥିବା ସବୁ ରାସ୍ତା ଅବିଳମ୍ବେ ପୁନଃ ନିର୍ମାଣ କରାଯିବା, ଅସରାଏ ବର୍ଷା ହେଲେ ରାସ୍ତାରେ ଲହଡ଼ି ମାରୁଥିବା ନର୍ଦ୍ଦମା ପାଣିର ସ୍ଥାୟୀ ପ୍ରତିକାର, ବିପର୍ଯ୍ୟସ୍ତ ଡ୍ରେନ୍ ସମସ୍ୟାର ସମାଧାନ, ସବୁ ୱାର୍ଡରେ ନିୟମିତ ସଫେଇ ସାଙ୍ଗକୁ ପରିମଳ ବ୍ୟବସ୍ଥାରେ ଉନ୍ନତି ଓ ସ୍ମାର୍ଟରୋଡ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବା ଆଦି ଅନ୍ତର୍ଭୁକ୍ତ। ସେହିପରି ସବ୍ ରେଜିଷ୍ଟ୍ରାର ଅଫିସଠାରୁ ପ୍ରେମ ନଗର ଓ ଆମ୍ବ ବଜାର ରାସ୍ତା ଓ ଡ୍ରେନ୍ ନିର୍ମାଣ ଅଧିକ ବିଳମ୍ବ ନ କରିବା, ରେଶମ ସହରରେ ସବୁ ପୋଖରୀ ପରିଷ୍କାର ସହ ହିଡ଼ ପାର୍ଶ୍ୱ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା, ବର୍ଷା ହେବା ମାତ୍ରେ ଘରେ ପାଣି ପଶୁଥିବା ୨୦ନଂ. ୱାର୍ଡ ଅନ୍ତର୍ଭୁକ୍ତ ଗାନ୍ଧୀନଗର ଅଞ୍ଚଳର ସମସ୍ୟା ସମାଧାନ ଏବଂ ବର୍ଦ୍ଧିତ ଘର ଟିକସ ପ୍ରତ୍ୟାହାର ଓ ଧାନମେରା ସାହିରେ ବସ୍ତି ଉଚ୍ଛେଦ ବନ୍ଦ ସହ ଦୀର୍ଘବର୍ଷରୁ ବସବାସ କରୁଥିବା ବାସିନ୍ଦାଙ୍କୁ ଘରପଟ୍ଟା ପ୍ରଦାନ ପାଇଁ ଦାବିପତ୍ରରେ ଦର୍ଶାଯାଇଛି।

ପତିଙ୍କ ସମେତ ଭାଜପା ଜିଲା ସଂଗଠନ ସଭାପତି ବିଭୂତି ଜେନା, ଡା. ସୁବାସ ସାହୁ, କାମନା ପାଢ଼ୀ, ରଞ୍ଜିତା ବେହେରା, ପ୍ରଦୀପ ଶତପଥୀ, ବବିତା ପାତ୍ର, ଡି. କରୁଣାକର, ପ୍ରଭାତ ଷଡ଼ଙ୍ଗୀ, ସୁନୀଲ ସାହୁ, ରାଜେନ୍ଦ୍ର କୁମାର, ରାମ ପ୍ରସାଦ ସାମଲ, ରଞ୍ଜିତ ପଟ୍ଟନାୟକ ଓ ଅନ୍ୟମାନେ ନିଗମର ଅତିରିକ୍ତ କମିଶନରଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଆନ୍ଦୋଳନ ଯୋଗୁ ବିଏମ୍‌ସି ଓ ସାମନ୍ତା ଟାଉନ ଥାନା ରୋଡ ଜାମ୍ ହୋଇଯାଇଥିଲା।

## ନାବାଳକଙ୍କ ସମେତ ୩ ଙ୍କୁ ଧରିଲା ପୋଲିସ

**ଛାତ୍ରଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ ଘଟଣା**

ବ୍ରହ୍ମପୁର ଅଫିସ,୨୩।୮

ଜଣେ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ମୋବାଇଲ ଫୋନ ଲୁଟିବା ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଧରିଛି। ସେମାନଙ୍କଠାରୁ ପୋଲିସ ମନିପର୍ସ ଓ ଆଧାର କାର୍ଡ ଜବତ କରିଛି। ହେଲେ ସେମାନେ ଲୁଟି ନେଇଥିବା ମୋବାଇଲ ଜବତ ହୋଇପାରି ନ ଥିବା କହିଛି। ମାମଲା ନମ୍ବର ୧୪୩/୨୨ ରେ ପୋଲିସ ଗୋଷାଣୀନୂଆଗାଁର ରଞ୍ଜନ ବରାଡ଼(୨୨) ଓ ନେହୁରୁନଗରର ଜଗନ୍ନାଥ ମହାରଣା(୨୧)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅନ୍ୟପଟେ ସମ୍ପୃକ୍ତ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ ନିକଟରେ ହାଜର କରିଛି। ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି।

ପ୍ରକାଶ ଯେ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ କୁମାରପୁର ଗ୍ରାମର ଦିନେଶ ବେହେରା ଗୋଷାଣୀନୂଆଗାଁ କଦଳୀବାଡ଼ ସାହିରେ ରହୁଛନ୍ତି। ଶୁକ୍ରବାର ସେ କୌଣସି ପରୀକ୍ଷା ସାରି ସନ୍ଧ୍ୟାରେ ରେଳଷ୍ଟେଶନ ରାସ୍ତାଦେଇ ଘରକୁ ଫେରୁଥିଲେ। ଗୋଷାଣୀନୂଆଗାଁ ଓଭରବ୍ରିଜ ନିକଟରେ କେତେଜଣ ଯୁବକ ତାଙ୍କୁ ଅଟକାଇ ତାଙ୍କ ମୋବାଇଲ ଓ ମନିପର୍ସ ଝାମ୍ପି ନେଇଯାଇଥିଲେ।

## ୧୧ ବର୍ଷ ପରେ ଖୋଲିଲା ବନ୍ଦ କୋଠରି


ଅଧିକାରୀଙ୍କ ଉପସ୍ଥିତିରେ କୋଠରି ଖୋଲାଯାଉଛି ।

**ଅସଦାଚରଣ ମାମଲା**
- ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ରିଡର

ଗୋପାଳପୁର,୨୩।୮(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଞ୍ଚଳରେ ୨୦୧୧ ମସିହାରେ ଜନୈକ ଅନୁସୂଚିତ ଛାତ୍ରୀଙ୍କୁ ଅସଦାଚରଣ କରିବା ମାମଲାରେ ଦୀର୍ଘ ୧୧ବର୍ଷ ଧରି ବନ୍ଦ ରହିଥିବା ଶିକ୍ଷାନୁଷ୍ଠାନର କୋଠରିକୁ ମଙ୍ଗଳବାର ପ୍ରଶାସନ ଓ ପୋଲିସ ଉପସ୍ଥିତିରେ ଖୋଲାଯାଇଛି। ଏହି ଘଟଣାରେ ତତକାଳୀନ ଶିକ୍ଷାନୁଷ୍ଠାନର ରିଡ଼ରଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତି ସମୟରେ ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଅଭାବରୁ ରିଡ଼ର ନିର୍ଦ୍ଦୋଷରେ ଖଲାସ ହୋଇଥିଲେ।

ସୂଚନାନୁସାରେ, ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ହାଟ ସ୍ଥିତ ଦିବାକର ପଟ୍ଟନାୟକ ଉଚ୍ଚତର ଶିକ୍ଷା ଗବେଷଣା ପ୍ରତିଷ୍ଠାନ କେନ୍ଦ୍ରରେ ରହି ଅନୁସୂଚିତ ଛାତ୍ରୀ ଜଣକ ଏମ.ଏ ଏଜୁକେସନ ଦୂରଭାଷାରେ ଅଧ୍ୟୟନ କରୁଥିଲେ। ଉକ୍ତ ଛାତ୍ରୀ ଜଣକ ପ୍ରୋଜେକ୍ଟ କରିବାକୁ ଦସ୍ତଖତ କରିବା ପାଇଁ ୨୦୧୧ ଫେବୃଆରୀ ୨୦ରେ ତତକାଳୀନ ରିଡ଼ର ପ୍ରଫେସର ସୁରେନ୍ଦ୍ର ନାଥ ମହାପାତ୍ର ବସିଥିବା କୋଠରିକୁ ଯାଇଥିଲେ। ଏହି ସମୟରେ ମହାପାତ୍ର ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୨୬ରେ ଗୋଳନ୍ଥରା ଥାନା ପୋଲିସ ୨୧/୧୧ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହିଦିନ ଠାରୁ ଗଣଶିକ୍ଷା ବିଭାଗ ଓ ଜିଲା ପ୍ରଶାସନ ଉକ୍ତ କୋଠରିକୁ ଜଉମୁଦ ଦେଇ ସିଲ କରିଦେଇଥିଲେ। ପରେ ରିଡ଼ର ମହାପାତ୍ର ଫେରାର ହୋଇଯାଇଥିଲେ। ଦୁଇ ମାସ ପରେ ଅର୍ଥାତ୍ ଏପ୍ରିଲ ୨୦ ତାରିଖରେ ପୋଲିସ ତାଙ୍କୁ ଗିରଫ କରିଥିବା ବେଳେ ବିଭାଗ ପକ୍ଷରୁ ମଧ୍ୟ ତାଙ୍କୁ ନିଲମ୍ବିତ କରାଯାଇଥିଲା। ୨୦୧୬ରେ ତାଙ୍କର ଚାକିରି କାର୍ଯ୍ୟକାଳ ଶେଷ ହୋଇଛି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଡ଼େପୁଟି କଲେକ୍ଟର ଦେବେନ୍ଦ୍ର ସାହୁ, ପୋଲିସ ପ୍ରଶାସନ, ଶିକ୍ଷାନୁଷ୍ଠାନର ଅଧକ୍ଷ ଓ ତତ୍‌କାଳୀନ ରିଡ଼ରଙ୍କ ଉପସ୍ଥିତିରେ ଉକ୍ତ କୋଠରୀର ଜଉମୁଦ ଫିଟାଇବା ସହ ଚାବି ଖୋଲାଯାଇଥିଲା। ଉକ୍ତ କୋଠରିରେ ଥିବା ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି।

## ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ଅଫିସ,୨୩।୮

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମଙ୍ଗଳବାର ଅସମାନତା, ବିବିଧତା ଓ ରାଜନୀତି ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ପ୍ରଫେସର ବିଜୟ କୁମାର ବହିଦାର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ପ୍ରଫେସର ବହିଦାର ପାଠଚକ୍ରରେ ଜଗତୀକରଣ ଓ ନବ ଉଦାରବାଦ ନୀତି ଯୋଗୁ ସୃଷ୍ଟି ହୋଇଥିବା ସାମାଜିକ ଅସମାନତା ସମ୍ପର୍କରେ କହିଥିଲେ। ରାଷ୍ଟ୍ରରେ ବର୍ତ୍ତମାନ ବୃଦ୍ଧି ପାଉଥିବା ପୁଞ୍ଜିବାଦର ପ୍ରୋତ୍ସାହନ ସାମାଜିକ ଅସାମାନତା ପାଇଁ ଦାୟୀ ବୋଲି କହିଥିଲେ। ଏଥିରେ ବିଭାଗୀୟ ସଂଯୋଜକ ଡ଼.ଦାଶରଥି ଭୂୟାଁ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଡ଼.ରାଜେଶ ସେଠ, ଡ଼.ସାରଦା ପ୍ରସନ୍ନ ରାଉତ, ଅଧ୍ୟାପିକା ବର୍ଷାରାଣୀ ପଟ୍ଟନାୟକଙ୍କ ସମେତ ବିଭାଗୀୟ ଛାତ୍ରୀଛାତ୍ର ଓ ଗବେଷକମାନେ ଉପସ୍ଥିତ ଥିଲେ।



ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଅନୁଷ୍ଠିତ ପାଠଚକ୍ର।

## ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ ଥିଲେ ପ୍ରାଜ୍ଞ ଗବେଷକ

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- ପ୍ରଫେସର କୁଞ୍ଜବିହାରୀ ତ୍ରିପାଠୀ ସ୍ମାରକୀ ବକ୍ତୃତାମାଳା

ବ୍ରହ୍ମପୁର ଅଫିସ,୨୩।୮



କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଓଡ଼ିଶାର ସାହିତ୍ୟିକଙ୍କ ମଧ୍ୟରେ ପ୍ରଫେସର କୁଞ୍ଜ ବିହାରୀ ତ୍ରିପାଠୀ ଥିଲେ ଜ୍ଞାନ ତପସ୍ୱୀ ପ୍ରାଜ୍ଞ ଗବେଷକ। ମଙ୍ଗଳବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଅନୁଷ୍ଠିତ ପ୍ରଫେସର କୁଞ୍ଜ ବିହାରୀ ତ୍ରିପାଠୀ ସ୍ମାରକୀ ବକ୍ତୃତା ମାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କର୍ଷ ଭାଷା ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ନିଜ ଅଭିଭାଷଣରେ ଏହା କହିଛନ୍ତି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ଥିଲେ। ନିଷ୍ଟ ଅଧ୍ୟକ୍ଷ ତଥା ତ୍ରିପାଠୀଙ୍କ ସୁପୁତ୍ର ପ୍ରଫେସର ପ୍ରିୟଦର୍ଶୀ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରଫେସର ଦାଶ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଫେସର ଦାଶ କହିଥିଲେ, ବିଶ୍ୱବିଦ୍ୟାଳୟ ତା'ର ପୂର୍ବଜ ପ୍ରାଜ୍ଞ ପ୍ରଫେସରମାନଙ୍କୁ ସମ୍ମାନ ଦେବା ଉଚିତ, ନଚେତ ଏଠାକାର ଗୁଣାତ୍ମକ ଶୈକ୍ଷିକ ସମୃଦ୍ଧି ଅସମ୍ଭବ ଏବଂ ପ୍ରଫେସର ତ୍ରିପାଠୀ ସେହିଭଳି ଜଣେ ନମ୍ର, ଅମାୟିକ, ଉଦାର ହୃଦୟର ପ୍ରଜ୍ଞାଶୀଳ ଗବେଷକ ଓ ଆଦର୍ଶ ଶିକ୍ଷାବିତ୍ ଥିଲେ। ଛାତ୍ରୀଛାତ୍ରମାନେ ଏହିଭଳି ଗୁରୁଙ୍କ ଆଦର୍ଶ, ଶୃଙ୍ଖଳା, କର୍ତ୍ତବ୍ୟନିଷ୍ଠା ଭଳି ମହନୀୟ ଗୁଣାବଳୀ ଦ୍ୱାରା ଅନୁପ୍ରାଣିତ ହେବାକୁ କୁଳପତି ଆହ୍ୱାନ ଦେଇଲେ। ସମ୍ମାନିତ ଅତିଥି ନିଷ୍ଟ ଅଧ୍ୟକ୍ଷ ପ୍ରଫେସର ତ୍ରିପାଠୀ ଅନେକ ବ୍ୟକ୍ତିଗତ ଅନୁଭୂତି ଓ ସ୍ମୃତି ବର୍ଣ୍ଣନା କରିଥିଲେ । ଏଭଳି ଜଣେ ପିତାଙ୍କ ପୁତ୍ର ଭାବରେ ସେ ବେଶ୍ ଗର୍ବିତ ଓ ଗୌରବାନ୍ୱିତ ବୋଲି କହିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. ସୁଶାନ୍ତ ଦାସ, ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ, ଡ. କୃଷ୍ଣପ୍ରସାଦ ମହାପାତ୍ର, ଡ. ରାଧାଗୋବିନ୍ଦ ପାଢ଼ୀଙ୍କ ସମେତ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ପ୍ରଫେସର, ବିଭାଗୀୟ ଅଧ୍ୟାପକ ପ୍ରଫେସର ସଦାନନ୍ଦ ନାୟକ, ଡ. ଦେବୀପ୍ରସାଦ ଶତପଥୀ, ଛାତ୍ରୀଛାତ୍ର ଓ ବ୍ରହ୍ମପୁର ସହରର ଭାଷା-ସାହିତ୍ୟ ଅନୁରାଗୀ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

